# Akashvani, Sambalpur

# SAMBALPURI NEWS MORNING BULLETIN

## 21 July 2026 - 6.47- 6.52 am.

---

ହେରାପଂଚ୍ମୀ ନୀତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ସକାଳ ଧୂପନୀତି ସର୍‌ବାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ତିନ୍‌ହି ରଥକେ ଦକ୍ଷିଣ ମୋଡ଼ କର୍‌ବାର୍ ଲାଗି ଆଜ୍ଞାମାଳ ବିଜେ କରାଯିବା । ପୂଜାପଣ୍ଡା ସେବକ୍‌ମାନେ ରଥ ଆଜ୍ଞାମାଳ ନେଇକରି ବିଜେ କରାବାର୍ ଉତ୍‌ରୁ ପହେଲା ମା ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ଦକ୍ଷିଣ ମୋଡ଼ କରାଯାଇକରି ନାକଚଣା ଦ୍ୱାର ଆଗାଡ଼େ ରଖାଯିବା । ତାର୍ ଉତ୍‌ରୁ ତାଳଧ୍ୱଜ ଆଉ ନନ୍ଦିଘୋଷ ରଥକେ ଦକ୍ଷିଣମୋଡ଼ କରାଯିବା । ସେଆଡ଼େ ଗଲାକାଏଲ୍ ଡେରିରାତିଥି ହେରାପଂଚମୀ ନୀତି କରାଯାଇଥିଲା । ଜଗତ୍‌ଜନନୀ ମା ଲକ୍ଷ୍ମୀ- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଶ୍ରୀମନ୍ଦିର୍‌ନୁ ବାହାରିଥିଲେ । ମା ଲକ୍ଷ୍ମୀ ନନ୍ଦିଘୋଷ ରଥ ପାଶେ ପୁହୁଁଚିବାର୍ ଉତ୍‌ରୁ ସେଠାନେ ବନ୍ଦାପନା ନୀତି

କରାଯାଇଥିଲା । ତାର୍ ଉତ୍ରୁ ମାହାପୁରୁଙ୍କର୍ ଦର୍ଶନ୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍ ଜୟବିଜୟ ଦ୍ୱାର ନ ପୁହୁଁଚିଲା ବେଲ୍‌କେ ସନ୍ଧ୍ୟାଧୂପ ନୀତି ଚାଲୁଥିବାର୍‌ନୁ ଡେରା ପଡ଼ିଥିଲା । ମାହାପୁରୁଙ୍କର୍ ଦର୍ଶନ୍ ନାଇଁ ପାଇକରି ମହାଲକ୍ଷ୍ମୀ ଆଜ୍ଞାମାଳ ଧରିକରି ନାକଚଣା ବାଟ୍ ଦେଇକରି ବାହାରି ଆସିଥିଲେ । ତାର୍ ଉତ୍‌ରୁ ହେରାଗୋହିରୀ ସାହି ଦେଇକରି ଶ୍ରୀମନ୍ଦିର୍‌କେ ଫିରି ଥିଲେ । ଫିର୍‌ଲାବାଟେ ମହାଲକ୍ଷ୍ମୀ ରାଗେ ନନ୍ଦିଘୋଷର ରଥର୍ କିଛି ଅଂଶକେ ଭାଙ୍ଗି ଦେଇଥିଲେ ।

ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଲାଗି ଖାସ୍ କରି ଅନୁନ୍ନତ ଜନଜାତି ଗୋଷ୍ଠୀ ପି.ଭି.ଟି.ଜି.ଙ୍କର୍ ଅନ୍ତର୍ଭୁକ୍ତିମୂଳକ୍ ବିକାଶ୍ ବହୁତ୍ ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍‌ନେଶ୍ୱର ଲୋକଭବନ୍ ଠାନେ ପି.ଭି.ଟି.ଜିସ୍ ଅଫ୍ ଓଡ଼ିଶା - ୱେ ଆହେଡ୍ ଶୀର୍ଷକ୍ ଦିନ୍‌କିଆ ସମ୍ମିଳନୀଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ପି.ଭି.ଟି.ଜି.ଙ୍କର୍ ସଶକ୍ତିକରଣ୍

ଖାଲି ସାମାଜିକ୍ ଦାୟିତ୍ୱ ନୁହେଁ, ଇଟା ଗୁଟେ ଜାତୀୟ ଆବଶ୍ୟକତା । ଓଡ଼ିଶା ନ ଦେଶର୍ ସର୍ବାଧିକ୍ ୧୩ ଟା ପି.ଭି.ଟି.ଜି. ଗୋଷ୍ଠୀ ରହିଛନ୍ । ଶିକ୍ଷା, ସ୍ୱାସ୍ଥ୍ୟ ସହେତେ ସେମାନ୍‌କର୍ ସଂସ୍କୃତି ଆଉ ପାରମ୍ପାରିକ୍ ଜୀବନ୍‌ଶୈଳୀ ସଂରକ୍ଷଣ୍ ଉପ୍‌ରେ ସମାଜ୍ ଜୋର୍ ଦେବାର୍‌କେ ସେ ପରାମର୍ଶ ଦେଇଛନ୍ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼

କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ଉତ୍କର୍ଷ କେନ୍ଦ୍ର          ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ଥି ଘୋଷ୍‌ନା ଅନ୍‌ସାରେ ଦେଶେ ବୃତିଗତ ତାଲିମ୍ ସାମଗ୍ରୀର୍ ଗୁଣବତା ଆର୍ ପ୍ରାସଙ୍ଗିକତା ଦେବାର୍ ଲାଗି ଭୁବ୍‌ନେଶ୍ୱର୍, ଚେନ୍ନାଇ, ହାଇଦ୍ରାବାଦ୍, କାନ୍‌ପୁର୍ ଆର୍ ଲୁଧିଆନା ଠାନେ ଜାତୀୟ ଉତ୍କର୍ଷ କେନ୍ଦ୍ର ଥାପ୍‌ନା କରାଯିବା । 'ଦେଶେ କୃତିମ ବୁଦ୍ଧିମତା ପ୍ରଚଳନ ଆଉ କୃତ୍ରିମ ବୁଦ୍ଧିମତାକେ ଦେଶ୍ ଲାଗି ଉପଯୋଗ୍ କର୍‌ବାର୍' ଲକ୍ଷ୍ୟ ନେଇକରି କେନ୍ଦ୍ର ସର୍‌କାର୍ ୫ ଟା ଉତ୍କର୍ଷ କେନ୍ଦ୍ର ଥାପ୍‌ନା ଲାଗି ୫ ଶହ କୋଟି ଟଙ୍କା ବ୍ୟୟବରାଦ କରିଛନ୍ । ନୂତନ ଶିକ୍ଷାନୀତି-୨୦୨୦ କେ ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟା ସହେତେ ସମନ୍ୱିତ କର୍‌ବାର୍ ଲାଗି କୃତ୍ରିମ ବୁଦ୍ଧିମତା ଆଧାରିତ ବ୍ୟବସ୍ଥା ଶିକ୍ଷା କ୍ଷେତ୍ରଥି ଲାଗୁ କର୍‌ବାର୍ ଲାଗି ଇଟା ତିଆର୍ କରାଯାଇଛେ ବଲି ଗଲାକାଏଲ୍ ଲୋକ୍‌ସଭା ନ

ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ସୁକାନ୍ତ ମଜୁମଦାର୍ ସୂଚ୍ନା ଦେଇଛନ୍ ।

ସାର ସଂକଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସାର ସଂକଟକେ ଦୂର୍ କର୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ଇ ବାବ୍‌ଦେ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ସବୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖିଛନ୍ । ଚିଠିଥି ଡି.ଏ.ପି. ଆର୍ ୟୁରିଆର୍ ବିକଳ୍ପକେ ତହଁକାବାର୍ ଲାଗି କୁହାଯାଇଛେ । ବିକଳ୍ପ ହିସାବେ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଆର୍ ଆମୋନିୟମ୍ ସଲ୍‌ଫେଟ୍‌କେ ପ୍ରୋତ୍ସାହନ୍ ଦେବାର୍‌କେ କୁହାଯାଇଛେ । ଅମୋନିୟମ୍ ସଲ୍‌ଫେଟ୍ ମାଏଟ୍‌ଥି ସଲ୍‌ଫର୍ ଅଭାବ୍ ଦୂର୍ କର୍‌ବାର୍‌ଥି ସାହାଜ୍ କର୍‌ବା । ସେନ୍ତା ଡି.ଏ.ପି. ଯୋଗାଣ ପ୍ରଭାବିତ ହେଇଥିବାର୍‌ନୁ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ବେଭାର୍ କର୍‌ବାର୍‌କେ ଚିଠିଥି ଲେଖାଯାଇଛେ ।

କେ.ଜି.ବି.ଭି. ୱାର୍ଡେନ-ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ ଆଇ.ଆଣ୍ଡ୍.ପି.ଆର୍

କସ୍ତୁରମା ଗାନ୍ଧୀ ବାଲିକା ବିଦ୍ୟାଲୟ-କେ.ଜି.ବି.ଭି. ୱାଡ଼େନ୍ ମାନ୍‌କର୍ ଲାଗି ଅାଂଚଲିକ୍ ଶିକ୍ଷାନୁଷ୍ଠାନ୍ ଆର୍.ଆଇ.ଇ. ଠାନେ ଗୁଟେ ୫ ଦିନିଆ ଆବାସିକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଜାତୀୟ ଶିକ୍ଷା ଯୋଜ୍‌ନା ଆଉ ପ୍ରଶାସନ୍ ପ୍ରତିଷ୍ଠାନ୍ ନୂଆଦିଲ୍ଲୀ ଆର୍ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍‌ର ମିଳିତ୍ ସହଯୋଗ୍‌ଥି ଇ ପ୍ରଶିକ୍ଷଣ୍ ଆୟୋଜନ୍ ହେଇଛେ । ଇ କର୍ମଶାଳାଥି ରାଜ୍ୟର୍ ୫ ଟା ଜିଲ୍ଲାନୁ ୭୦ ନୁ ଅଏତ୍‌କା ୱାଡ଼େନ୍, ଡାଏଟ୍ ଶିକ୍ଷକ୍, ପ୍ରଶିକ୍ଷକ ଆଉ ଜିଲ୍ଲା ଜେଣ୍ଡର୍ କୋର୍ଡ଼ିନେଟର୍‌ମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ସାହାଜ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ଜୁଲାଇ ୧୬ ତାରିଖ୍ ରଥଯାତ୍ରା ଦିନ ଶ୍ରୀକ୍ଷେତ୍ର ପୁରୀ ନ ଦେହେ ଖରାପ୍ ଲାଗି ଚିକିତ୍ସାଧୀନ୍ ଅବସ୍ଥାଥି କଟକ୍ ଆଉ ମୁମ୍ବାଇର ୨ ଝନ୍‌କର୍ ପରଲୋକ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବିୟୋଗ୍‌ଥି ଶୋକପ୍ରକାଶ୍ କର୍‌ବାର୍ ସହେତେ

ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ତାଙ୍କର୍ ପରିବାର୍ ଲୁକ୍‌କର୍ ଲାଗି ୧୦ ଲାଖ୍ ଟଙ୍କା ଲେଖା ସାହାଜ୍ ଘୋଷ୍‌ନା କରିଛନ୍ ।

ଅନ୍ତର୍ଭୁକ୍ତୀକରଣ ଶିବିର        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ର ସିଂଘିଯୁବା ପଂଚାୟତ କାର୍ଯ୍ୟାଳୟ ନ ଆର୍ଥିକ ସ୍ୱାକ୍ଷରତା ଆଉ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ହେଇଯାଇଛେ । ଜିଲ୍ଲା ଆର୍ଥିକ ସେବା ଆଉ ସଂଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କର ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବେଙ୍କ୍‌ମିତ୍ର ଆର୍ ପଂଚାୟତ୍‌ର ଲୋକ୍‌ମାନେ ଯୋଗ୍ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଉତର୍ ଭାଗ୍ ଆଉ ଇତାର୍ ପାଖର୍ ଇଲାକା ନ ଇ ହପ୍ତା ଫେର୍‌ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ସମୁଦ୍ରଖଁଡ଼ି ଆଉ ଆଭ୍ୟନ୍ତରିଣ ଜିଲ୍ଲାମାନ୍‌କୁ ମଧ୍ୟମ୍‌ନୁ

ଜବର୍ ବର୍ଷା ହେଇପାରେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏଜ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।